Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୦୨**

ନ.- ୫୩ (ଓଡିଆ ବୁଲେଟିନ)
ତାରିଖ- ୧୨.୦୧.୨୦୨୪

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ବିଶେଷ ସୂଚନା

- ଧାନ ତଳିଘେରା ପ୍ରସ୍ତୁତ କରନ୍ତୁ ଓ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ ।
- ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ଵାରା ଘୋଡାଇ ରଖନ୍ତୁ ।
- ତଳି ଭଲ ବଢିବା ଏବଂ ଚେର ମାଟି କୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ ।
- ପନିପରିବା ତଳି ଘେରା କୁ ନଡା ଦ୍ଵାରା ଆଚ୍ଛାଦିକରଣ କରନ୍ତୁ ।
- ବର୍ତମାନ ତାପମାତ୍ରା କମ ରହୁଥିବା ରୁ ପନିପରିବା ଫସଲ ରେ ହାଲକା ଜଳ ସେଚନ କରନ୍ତୁ ।
- ଗଜା ଧାନ କୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟା ବୁଣା କରି ଦିଅନ୍ତୁ ।
- ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ ।
- ସୂର୍ଯ୍ୟମୁଖୀ ଫସଲ ବର୍ତମାନ ୨୫-୩୦ ଦିନ ଅବଧିରେ ଅଛି। କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାର କୁ ପ୍ରୟୋଗ କରନ୍ତୁ।
- ମହୁମାଛି କୁ ସୁରକ୍ଷା ଦେବା ପାଇଁ ଅପରାହ୍ନ ୩ ଟା ପରେ କୀଟନାଶକ ସିଞ୍ଚନ କରିବା ଉପଯୁକ୍ତ ସମୟ ।

### ଧାନ:

ତଳିଘେରା ପରିଚାଳନା-

ଡାଲୁଅ ଧାନ ପାଇଁ କାଦୁଅ ତଳିଘେରା ପ୍ରସ୍ତୁତ କରନ୍ତୁ । ତଳିଘେରା ପାଇଁ ନିର୍ବାଚିତ ଜମିକୁ ୩ ରୁ ୪ ଓଡ ଚାଷ କରି ୨ ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭତି କରି ରଖନ୍ତୁ। ଏହା ପରେ ତଳିଘେରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ। ଶେଷ ଓଡ ଚାଷ ବେଳକୁ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪ କିଲୋଗ୍ରାମ DAP, ୪ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ତଳିଘେରା କୁ ସୁବିଧା ଅନୁସାରେ ଲମ୍ବା ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ଜଳସେଚନ ପାଇଁ ୩୦ ସେ.ମି ଚଉଡା ନାଳି ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନ ରେ ବୁଣନ୍ତୁ।

ବିହନ ବିଶୋଧନ-

ଧାନ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ।

### ଚିନାବାଦାମ:

ଧବଳ ଭୃଙ୍ଗ ପୋକ

ଚିନାବାଦାମ ରେ ଧବଳ ଭୃଙ୍ଗ ପୋକ ର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି Chloropyriphous କିମ୍ବା ୧ ମିଲି Imidacloprid ୩୦.୫ sc ମିଶାଇ ଗଛ ମୂଳ କୁ ଭିଜନ୍ତୁ ।

### ମୁଗ ଓ ବିରି :

ସାହେବୀ ରୋଗ

ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗ ର ବାହକ

ଅଟେ । ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**ଆଖୁ:**

ବିହନ ଚୟନ ଓ ବିଶୋଧନ

ନାଲିସଢା ରୋଗ ନ ହେବା ପାଇଁ CO-7219, CO-8371, CO-8013, CO-8014, CO-6907, CO-7601 ଓ CO-7602 କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ୧୦୦-ଲିଟର ପାଣିରେ ୧୫୦-ଗ୍ରାମ Carbendazim, ୨୦୦-ମିଲି Chlorpyriphos ଓ ୧-କିଲୋଗ୍ରାମ ୟୁରିଆ ସାର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣ ରେ ଆଖୁ ଖଣ୍ଡ ଗୁଡିକୁ ୩୦ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । Chlorpyriphos କୀଟନାଶକ କୁ ମାଟିରେ ପ୍ରୟୋଗ କରୁଥିଲେ ଏହି ଦ୍ରବଣ ରେ ମିଶାନ୍ତୁ ନାହିଁ ।

**ସୋରିଷ:**

ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗି ବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି 8-ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଜଉ ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି 40-ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ବା 50-ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି, 200-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଟମାଟୋ:**

ଧଳାମାଛି

ଧଳା ମାଛି କୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ଲଙ୍କାମରିଚ:**

ଅଷ୍ଟପଦୀ ପୋକ

ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ଆଳୁ:**

ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡାଖୁସା କରନ୍ତୁ । ଗଛ ଠାରୁ ୩ ରୁ ୪ ସେମି ବ୍ୟବଧାନ ରେ ୨ ପାର୍ଶ୍ୱ ରେ ୨ ରୁ ୩ ସେମି ଗଭୀର ରେ ୨୬ କେଜି ୟୁରିୟା ଓ ୨୦ କେଜି ଏମ.ଓ.ପି କୁ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ । ଆଳୁ ରେ କଟା ପୋକ ଓ ପତ୍ର ଖିଆ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି chlorpyriphos @ ୪୦୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ**

ପିଆଜ ତଳିଗୁଡକି ୧୨ ରୁ୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ପିଆଜ ତଳି ରୋଇବା ପୂର୍ବ ରୁ ଏକର ପ୍ରତି ୧୦ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ, ୫୨ କିଲୋଗ୍ରାମ ଡିଏପି, ୨୦ କିଲୋଗ୍ରାମ ୟୁରିଆ , ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ Sulphur ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡି କୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ ।

**ବାଇଗଣ:**

ଧଳାମାଛି - ଧଳା ମାଛି କୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM

Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ବନ୍ଧା କୋବି:**

ବନ୍ଧା କୋବି ରେ ବର୍ତମାନ ପତ୍ର ଛନ୍ଦା ପୋକ ଓ ଧୂଆଁ ପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ପରେ Emamectin benzoate @ ୭୦ ଗ୍ରାମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**ଗେଣ୍ଡୁ:**

ଜୈବିକ ଉପାୟରେ ପତ୍ରଖିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ ଟି ଲେଖା ସଂଘ ଆକର୍ଷକ Pheromone ଯନ୍ତା Spodolure ବ୍ୟବହାର କରନ୍ତୁ କିମ୍ବା ଏକର ପ୍ରତି ୫ ଟି ଆଲୋକ ଯନ୍ତା ବସାନ୍ତୁ। ଏକର ପ୍ରତି ୫୦୦ ଗ୍ରାମ Bacillus Thuringiensis କିମ୍ବା ୧ କିଲୋଗ୍ରାମ Beauveria bassiana କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୩୦୦ ମି.ଲି Lambda Cyhalothrin ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ, ଉପରବେଳା ସିଂଚନ କରନ୍ତୁ।

**ଗୋଲାପ:**

ଗୋଲାପ ଗଛ ରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ **Fenpyroximate ୫% EC** @ ୨ ମିଲି କିମ୍ବା **Abamactin** @ ୧ ମିଲି ମିଶାଇ ସିଞ୍ଚନ କରନ୍ତୁ ।

**ପଶୁ ସମ୍ପଦ:**

ଗାଇଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । ଶୀତ ଋତୁ ରେ ଗାଇଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ ।

**କୁକୁଡା:**

ବର୍ତମାନ ତାପମାତ୍ରା କମ ରହୁଥିବା ରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ ରଖିବା ନିହାତି ଜରୁରୀ । ତେଣୁ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଖୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)